ଧରିତ୍ରୀ
DHARITRI

ଶୁକ୍ରବାର, ଡିସେମ୍ବର ୨୪/୨୦୧୦

# ରାଜ୍ୟସ୍ତରୀୟ ପରିବର୍ତ୍ତନକାରୀ ସମାବେଶ ଉଦ୍‌ଯାପିତ

## ପରବର୍ତ୍ତୀ ସମାବେଶ ଦେବଗଡ଼ରେ

ଝାରସୁଗୁଡ଼ା ଅଫିସ,୨୩।୧୨- ମହିଳାଙ୍କ ପ୍ରତି ହେଉଥିବା ହିଂସା ରୋକିବା ସହ ଅସମାନତା ଦୂର ପୂର୍ବକ ଏକ ଭୟ, ହିଂସାମୁକ୍ତ ସମାଜ ଗଠନ କରିବାର ଆହ୍ୱାନକୁ ସଫଳତାର ସହ ସାମନା କରିବାର ସଂକଳ୍ପକୁ ଦୋହରାଇ ଚତୁର୍ଥ ରାଜ୍ୟସ୍ତରୀୟ ପରିବର୍ତ୍ତନକାରୀ ସମାବେଶ ଗୁରୁବାର ଉଦ୍‌ଯାପିତ ହୋଇଛି । ଝାରସୁଗୁଡ଼ା ମନମୋହନ ସ୍କୁଲ ପଡ଼ିଆରେ ୱି କ୍ୟାନ ପକ୍ଷରୁ ଅନୁଷ୍ଠିତ ଦ୍ୱିଦିବସୀୟ ପରିବର୍ତ୍ତନକାରୀ ସମାବେଶରେ ରାଜ୍ୟର କୋଣ ଅନୁକୋଣରୁ ଦୁଇ ଶତାଧିକ ପରିବର୍ତ୍ତନକାରୀ ଏବଂ ବିଭିନ୍ନ ସଙ୍ଗଠନର ନେତୃତ୍ୱ ପ୍ରଦାନକାରୀ ଯୋଗ ଦେଇଥିଲେ । ପରବର୍ତ୍ତୀ ଅର୍ଥାତ ପଞ୍ଚମ ରାଜ୍ୟସ୍ତରୀୟ ସମାବେଶ ୨୦୧୧ରେ ଦେବଗଡ଼ ଜିଲାରେ ଆୟୋଜିତ ହେବ । ଉଦ୍‌ଯାପନୀ ଉତ୍ସବରେ ପତାକା ଅବତରଣ କରି ୱି କ୍ୟାନର ରାଜ୍ୟ ସଂଯୋଜକ ସ୍ନେହ ମିଶ୍ର, ଡଃ ନିରୁପମା ବଡ଼ପଣ୍ଡା, ଆନନ୍ଦିନୀ ପାଢୀ, ଶୁଭଶ୍ରୀ ରାୟ ପ୍ରମୁଖ ଦେବଗଡ଼ ଜିଲା ଅନୁଷ୍ଠାନର ମୁଖ୍ୟା ଅନୁପମା ରାଉତଙ୍କୁ ଅର୍ପଣ କରିବା ସହ ପରବର୍ତ୍ତୀ ସମାବେଶ ଆୟୋଜନର ଦାୟିତ୍ୱ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଦିବସରେ ପ୍ରଥମ ଦିବସରେ ଅନୁଷ୍ଠିତ ଚାରିଗୋଟି କର୍ମଶାଳାର ରିପୋର୍ଟ ଉପସ୍ଥାପନ ସହ ସମୀକ୍ଷା କରାଯାଇଥିଲା । ରାଜ୍ୟର ୩୦ ଜଣ ଷ୍ଟାର ଚେଞ୍ଜମେକର, ୩୦ ଜଣ ଜିଲା ପାର୍ଟନର, ୬ ଜଣ ନୋଡାଲ କୋଅର୍ଡିନେଟରଙ୍କୁ କପ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।




ଝାରସୁଗୁଡ଼ା ମନମୋହନ ସ୍କୁଲ୍ ପଡିଆରେ 'ୱି କ୍ୟାନ୍' ପକ୍ଷରୁ ଅନୁଷ୍ଠିତ ଚତୁର୍ଥ ରାଜ୍ୟସ୍ତରୀୟ ପରିବର୍ତ୍ତନକାରୀ ସମାବେଶର ଉଦ୍‌ଯାପନୀ ଉତ୍ସବରେ ଚେଞ୍ଜ ମେକରଙ୍କୁ ସମ୍ମାନିତ କରାଯାଉଛି । (ଫଟୋ:ମେହବୁବ)